ଡି.ଏ.ଭି ପବ୍ଲିକ ସ୍କୁଲସମୂହ, ଓଡ଼ିଶାଜୋନ୍

ନମୁନା ପ୍ରଶ୍ନ – ୨

ପ୍ରଥମ ସାମୟିକ ପରୀକ୍ଷା (୨୦୨୩ -୨୦୨୪ )

ଶ୍ରେଣୀ – ଅଷ୍ଟମ ପୂର୍ଣ୍ଣସଂଖ୍ୟା – ୪୦

ବିଷୟ – ଉଚ୍ଚତର ଓଡ଼ିଆ ସମୟ-୧ଘ : ୩୦ମି

- ପ୍ରଶ୍ନପତ୍ରରେ ସମୁଦାୟ ୨ଟି ମୁଦ୍ରିତ ପୃଷ୍ଠା ଅଛି |
- ଏହି ପ୍ରଶ୍ନପତ୍ରରେ ୪ଟି ବିଭାଗ ଓ ୭ଟି ମୁଦ୍ରିତ ପ୍ରଶ୍ନ ରହିଛି |
- ପରୀକ୍ଷା ନିର୍ଘଣ୍ଟ ସମୟର ୧୦ ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ବିତରଣ କରାଯିବ |
- ବିଦ୍ୟାର୍ଥୀଗଣ ଏହି ୧୦ମିନିଟ୍ ସମୟକୁ କେବଳ ପ୍ରଶ୍ନ ପଢ଼ିବା ନିମନ୍ତେ ବିନିଯୋଗ କରିବେ କିନ୍ତୁ ଉତ୍ତର ପୁସ୍ତିକାରେ କିଛି ଲେଖିବେ ନାହିଁ |
- ଉତ୍ତର ଲେଖିବା ପୂର୍ବରୁ ପ୍ରଶ୍ନଗୁଡ଼ିକର କ୍ରମିକ ସଂଖ୍ୟା ଉତ୍ତରଖାତାର ବାମ ପାର୍ଶ୍ୱରେ ଠିକ୍ ଭାବରେ ଲେଖାଯିବ |

'କ' ବିଭାଗ – ପଠନ (୫)

୧) ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (୧X୫ =୫)

କଥାଟି ଶୁଣିଲେ ଆଜି ଖୁବ୍ ଆଶ୍ଚର୍ଯ୍ୟ ଲାଗେ । ଇତିହାସର ଘଟଣା ପ୍ରବାହରେ ଯେଉଁ କୋହୀନୂର ଆଜି ଯାଇ ଇଂଲଣ୍ଡର ରାଣୀଙ୍କ ମୁକୁଟର ଶୋଭା ଓ ଗୌରବ ବଢ଼ାଇଛି , ତାହା ବାସ୍ତବିକ ଆମ ଓଡ଼ିଶାର ପ୍ରାପ୍ୟ ଥିଲା । ହଁ , ଏହା ସତ୍ୟ ଯେ ଏହାର ପୂର୍ବତନ ମାଲିକ ରଣଜିତ୍ ସିଂହଙ୍କ ଶେଷ ଇଚ୍ଛା ଅନୁସାରେ ଏହା ପୁରୀର ଶ୍ରୀ ଜଗନ୍ନାଥଦେବଙ୍କ ମନ୍ଦିରରେ ରହିବା ନିମନ୍ତେ ଉଦ୍ଦିଷ୍ଟ ଥିଲା । କେବଳ କୋହୀନୂର ନୁହେଁ , ରଣଜିତ୍ ସିଂହଙ୍କ ଇଚ୍ଛାନୁସାରେ ତାଙ୍କର ବହୁ ମୂଲ୍ୟବାନ୍ ଧନରତ୍ନ ଶ୍ରୀମନ୍ଦିରକୁ ସ୍ଥାନାନ୍ତରିତ ହେବାର କଥା ; କିନ୍ତୁ ତାଙ୍କର ମୃତ୍ୟୁ ପରେ ତାଙ୍କର ଏହି ଇଚ୍ଛା ପ୍ରତି ସମ୍ମାନ ପ୍ରଦର୍ଶନ କରାଗଲା ନାହିଁ । ତାଙ୍କର ଏହି ଇଚ୍ଛାପତ୍ର ଅବଶ୍ୟ ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧର କଥା ; ମାତ୍ର କୋହୀନୂରର ଇତିହାସ ବହୁ ପ୍ରାଚୀନ। ରହସ୍ୟମୟ ଭୂଗର୍ଭର ଗନ୍ତାଘର ଭିତରୁ କେବେ ଏହି ଦୁର୍ଲଭ ବସ୍ତୁ କୋହୀନୂରର ଆବିର୍ଭାବ ଘଟିଥିଲା , ସେ କଥା ମହାକାଳର ଅନନ୍ତ ଗର୍ଭରୁ କୌଣସି ଗବେଷକ ବୋଧହୁଏ କେବେ ଆବିଷ୍କାର କରିପାରିବେ ନାହିଁ । ଅନେକ କୁହନ୍ତି , କୋହୀନୂର ଆଉ କିଛି ନୁହେଁ , ସୁଦୂର ଅତୀତର ସେହି ମହାଭାରତ ବିଖ୍ୟାତ ସ୍ୱିସ୍ଥ 'ସୈମନ୍ତକ ମଣି' । ତେବେ ଏ ବିଶ୍ୱାସକୁ ପ୍ରମାଣିତ କରିବା କଷ୍ଟସାଧ ।

କ) କୋହୀନୂର ବାସ୍ତବିକ କାହାର ପ୍ରାପ୍ୟ ଥିଲା ?

ଖ) କେଉଁ ବିଶ୍ୱାସକୁ ପ୍ରମାଣିତ କରିବା କଷ୍ଟ ?

ଗ) ଆଜି କୋହୀନୂର କାହାର ଗୌରବ ବଢ଼ାଇଛି ?

ଘ) ରଣଜିତ୍ ସିଂହଙ୍କ ଶେଷ ଇଚ୍ଛା କ'ଣ ଥିଲା ?

ଙ) 'ନବୀନ' ଶବ୍ଦର ବିପରୀତ ଶବ୍ଦଟିକୁ ଅନୁଚ୍ଛେଦରୁ ଖୋଜି ଲେଖ |

## ‘ଖ’ ବିଭାଗ - ଲିଖନ (୫)

୨) ୧୦୦ରୁ ୧୨୦ ଶବ୍ଦ ମଧ୍ୟରେ ଅନୁଚ୍ଛେଦଟିକୁ ଲେଖ | (୧X୫=୫)

‘ଆଦର୍ଶ ଛାତ୍ର ଜୀବନ’

## ‘ଗ’ ବିଭାଗ – ବ୍ୟାକରଣ (୧୦ )

୩) ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।

କ) ଓଡ଼ିଆ ବର୍ଣ୍ଣମାଳାରେ କେତୋଟି ବର୍ଗ୍ୟ ବର୍ଣ୍ଣ ଅଛି ? (୧x ୩=୩)

**ii)** ଓଡ଼ିଆ ବର୍ଣ୍ଣମାଳାର ଅବର୍ଗ୍ୟ ବର୍ଣ୍ଣ  କେତୋଟି ଅଛି ?

**iii)** ‘ପ’ବର୍ଣ୍ଣର ଉଚ୍ଚାରଣ ସ୍ଥାନ ଲେଖ |

ଖ) **i)** ବେଙ୍ଗ – ଏହାର ସ୍ତ୍ରୀଲିଙ୍ଗ ରୂପ ଲେଖ । (୧x ୩ =୩)

**ii)** ହଂସ ପହଁରୁଛି – ରେଖାଙ୍କିତ ଶବ୍ଦଟି କେଉଁ ବଚନ ଲେଖ ।

**iii)** ଆପଣମାନେ ନୀରବତା ରକ୍ଷା କରନ୍ତୁ । - ରେଖାଙ୍କିତ ପଦଟି କେଉଁ ପୁରୁଷ?

ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକୁ ତଦ୍ଭବ ଶବ୍ଦରେ ପରିଣତ କର । (୧x ୪=୪)

ଘୃତ,  ନଗର,  ଭଗିନୀ,  ଶୃଗାଳ,

## ‘ଘ’ ବିଭାଗ – ସାହିତ୍ୟ (୨୦)

୪) ସରଳ ଭାଷାରେ ବୁଝାଇ ଲେଖ । (୫x୧=୫ )

ଏହାଙ୍କ ପ୍ରାୟେ ଯେବେ ହୋଇ
ସଂସାର ମଧ୍ୟେ ଦେହ ବହି ।

କିମ୍ବା

“ ବଡ଼ ସ୍ନେହଭରା ଅଥଚ କରୁଣ ସେ ଚାହାଁଣୀ ।  ”

୫) ସଂକ୍ଷେପରେ ଉତ୍ତର ଲେଖ । (୨ x ୩ = ୬ )

କ) ଶ୍ରୀକୃଷ୍ଣଙ୍କ ନାମ ‘ଦାମୋଦର’ ହୋଇଛି ; ଏହାର କାରଣ କ’ଣ ?

ଖ) ଛୋଟ ପିଲାମାନେ କାହିଁକି ବୈଦ୍ୟଙ୍କୁ ଦେଖି ଡରୁଥିଲେ ?

ଗ) ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନେ କିପରି ରୋଗୀସେବା କରୁଥିଲେ ?

୬) ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (୧x ୪ = ୪)

କ) ଓଡ଼ିଆ ଭାଗବତର କେଉଁ ସ୍କନ୍ଧରୁ ‘ବୃକ୍ଷ ମାହାତ୍ମ୍ୟ’ କବିତାଟି ଗୃହୀତ ?

**i)** ଅଷ୍ଟମ ସ୍କନ୍ଧ **ii)** ନବମ ସ୍କନ୍ଧ **iii)** ଦଶମ ସ୍କନ୍ଧ **iv)** ଏକାଦଶ ସ୍କନ୍ଧ

ଖ) ସ୍ତୋକକୃଷ୍ଣ କିଏ ?

i) ଏକ ରାକ୍ଷସ    ii) କଂସର ସହଚର    iii) ଗୋପର ବାଳକ    iv) କୃଷ୍ଣଙ୍କର ସଖା

ଗ) ଲେଖକ ପିଲାଦିନେ କେଉଁଠାରେ ପାଠ ପଢୁଥିଲେ ?

i) ସ୍କୁଲରେ    ii) ଗୁରୁକୁଳରେ    iii) ଚାଟଶାଳୀରେ    iv) ଅଙ୍ଗନବାଡ଼ିରେ

ଘ) ଲେଖକଙ୍କ ପିତାଙ୍କର କେଉଁ ରୋଗରେ ମୃତ୍ୟୁ ହୋଇଥିଲା ?

i) ଗ୍ରହଣୀ ଝାଡ଼ାରେ    ii) ହଇଜାରେ    iii) ହୃଦରୋଗରେ    iv) ରକ୍ତ କର୍କଟରେ

୭) ଗୋଟିଏ ବାକ୍ୟରେ ଉତ୍ତର ଲେଖ ।    (୧ x ୫ =୫ )

କ) ପତ୍ନୀଙ୍କ ମୃତ୍ୟୁ ପରେ ହରି ସିଂ କ'ଣ କଲେ ?

ଖ) ଗୋପାଳ ଏକ ଅନୁଗତ ପୁତ୍ର ନୁହେଁ ବୋଲି କିପରି ଜଣାପଡୁଛି ?

ଗ) 'ପିଅନଟା ମୂର୍ଖ , ଇଂରାଜୀ ପଢ଼ି ନାହିଁ , ତାର ଗୋଟିଏ ଦେଶୀ ହୃଦୟ ଅଛି '- ଏ କଥାର ତାତ୍ପର୍ଯ୍ୟ କଣ ?

ଘ) ଗୋପାଳକୁ ଇଂରେଜୀ ପଢ଼ାଇବା ପାଇଁ ହରିସିଂ କାହିଁକି ଇଚ୍ଛା କରିଥିଲେ ?

ଙ) ହରି ସିଂଙ୍କ ଦେହ କାହିଁକି କଳାକାଠ ପଡ଼ିଯାଇଥିଲା ?

-----